# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୦୭.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୫.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୩. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ

ଅଦ୍ୟ ତା ୨୧.୦୭.୨୦୨୫ ରିଖ ଅପରାହ୍ନ ଘ.୦୫.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ସହିଦନଗର ହାଟରେ ଥିବା ପିଣ୍ଡି ଗୁଡ଼ିକ ହିତାଧିକାରୀ ମାନଙ୍କୁ ଆବଂଟନ କରି ରାଜସ୍ୱ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଯେଉଁ ବ୍ୟକ୍ତିମାନଙ୍କ ଉପରେ ଗୃହ ଟିକସ ବକେୟା ଅଛି ସେମାନଙ୍କ ଠାରୁ ଯଥାଶୀଘ୍ର ଆଦାୟ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଆଜିର ବୈଠକରେ ଉପସ୍ଥାପିତ କରାଯାଇଥିବା ଆୟ ଫର୍ଦ୍ଦରେ ନିଗମ ପରିଚାଳିତ ଯାତ୍ରୀନିବାସରୁ ବହୁ କମ୍ ଅର୍ଥ ଆଦାୟ ହେଉଥିବା ଉଲ୍ଲିଖିତ ଅଛି, ତେଣୁ ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ସନ୍ଧ୍ୟା ୭.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୨୧.୦୭.୨୦୨୫ ରିଖ

## ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୨୧.୦୭.୨୦୨୫ ରିଖ

ସମୟ-ପୂର୍ବାହ୍ଣ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାର୍‌ମ୍ୟାନ୍,
୨. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୩. ଶ୍ରୀ ଭରତ କୁମାର ଲେଙ୍କା,
୪. ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ,
୫. ଶ୍ରୀମତୀ ଛବି ଦାଶ,
୬. ଶ୍ରୀମତୀ ମୋନାଲିସା ସାହୁ

ଅଦ୍ୟ ତା ୨୧.୦୭.୨୦୨୫ ରିଖ ପୂର୍ବାହ୍ଣ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଜିର ବୈଠକରେ କୌଣସି ଅଫିସିଆଲ୍ ପ୍ରସ୍ତାବ ଉପସ୍ଥାପିତ କରାଯାଇନାହିଁ, ତେଣୁ ଉକ୍ତ କମିଟି ସମ୍ବନ୍ଧୀୟ ବିଷୟ ସିଧାସଳଖ କର୍ପୋରେସନ ଉପସ୍ଥାପିତ ନକରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଚଳିତ ବର୍ଷ ବିଦ୍ୟୁତ୍ ଖୁଂଟରେ ଲାଗିଥିବା କ୍ରମ୍ପଟନ୍ ଲାଇଟ୍ ଗୁଡ଼ିକ ଖରାପ ହୋଇଗଲାଣି ଫଳରେ ଜଳୁନାହିଁ, ସମ୍ପୃକ୍ତ ସଂସ୍ଥା ମଧ୍ୟ ମରାମତି କରୁନାହିଁ, ତେଣୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରାପ ହୋଇଥିବା ଲାଇଟ୍ ଗୁଡ଼ିକ ସମ୍ପୃକ୍ତ ସଂସ୍ଥା ମରାମତି ନକଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କର ବିଲ୍ ପଇଠ ନକରିବା ଏବଂ ଉକ୍ତ ଲାଇଟ୍ ଗୁଡ଼ିକର ମାନ ଲକ୍ସ ମିଟର ମାଧମରେ ଯାଂଚ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳ ୱାର୍ଡ୍ ନଂ-୧ ଠାରୁ ୱାର୍ଡ୍ ନଂ-୯ ରେ ବିଦ୍ୟୁତ୍‌କରଣ କାର୍ଯ୍ୟ ପାଇଁ ଠିକା ନେଇଥିବା ସଂସ୍ଥା ସଠିକ୍ ଭାବରେ କାର୍ଯ୍ୟ କରୁନଥିବା କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ସମ୍ପୃକ୍ତ ଠିକାଦାରଙ୍କର ଚୁକ୍ତିପତ୍ର ରଦ୍ଦ (Cancel) କରାଯାଇ ତାଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳର ରାସ୍ତାଲୋକ ବୈଦ୍ୟୁତିକ କାର୍ଯ୍ୟ ମରାମତି ପାଇଁ ଠିକା ନେଇଥିବା ନିଭ୍ ସଂସ୍ଥା ଠିକ୍ ଭାବରେ କାର୍ଯ୍ୟ କରୁନାହିଁ, ତେଣୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ୧.୩୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୨୧.୦୭.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୨.୦୭.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ସମିତା ମହାନ୍ତି,
୪. ଶ୍ରୀମତୀ ଜୟନ୍ତି ସାହୁ,
୫. ଶ୍ରୀ ସନ୍ତୋଷ କୁମାର ସିଂହ,
୬. ସେକ୍ ନୁର୍‌ହାସନ୍

ଅଦ୍ୟ ତା ୨୨.୦୭.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଗକୁ ଦୁର୍ଗାପୂଜା ଆସୁଅଛି, ଭୁବନେଶ୍ୱର ସହରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଲୋକ ଆସିବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ରାସ୍ତା ଗୁଡ଼ିକ ମରାମତି କାର୍ଯ୍ୟ ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୨୨.୦୭.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୦୭.୨୦୨୫ ରିଖ

ସମୟ-ପୂର୍ବାହ୍ଣ ଘ.୧୦.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପିଙ୍କି ସ୍ୱାଇଁ,
୩. ନମିତା ମହାପାତ୍ର,
୪. ଶ୍ରୀମତୀ ଗରୁଲତା ସାମନ୍ତରାୟ,
୫. ଶ୍ରୀ ବିପ୍ଳବ ବେହେରା,
୬. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୧୫.୦୭.୨୦୨୫ ରିଖ ପୂର୍ବାହ୍ଣ ଘ.୧୦.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୪ ରେ ହେଉଥିବା ବହୁତଳ ପ୍ରାସାଦରୁ ଆଦାୟ ହେଉଥିବା EIDP Fund ଏବଂ ଅକୁପାନ୍ସି ସାର୍ଟିଫିକେଟ୍ ପାଇଁ ଆଦାୟ ହେଉଥିବା ଅର୍ଥରେ ମୋ ୱାର୍ଡ଼ରେ କେଉଁ କାର୍ଯ୍ୟ ହୋଇଅଛି ଏବଂ EIDP ରେ କେଉଁ ବିଲ୍ଡ଼ର୍ କେଉଁ କାର୍ଯ୍ୟ କରିଅଛି ତାହାର ତାଲିକା ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ନୂତନ କର୍ପୋରେସନ ଆସିବା ପରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ବହୁତଳ ପ୍ରାସାଦ ନିର୍ମାଣ କରିବା ପାଇଁ କେଉଁ ବିଲ୍ଡ଼ରଙ୍କୁ NOC ଦିଆଯାଇଅଛି ଏବଂ ସମ୍ପୃକ୍ତ ବିଲ୍ଡ଼ର୍ କେଉଁ କାର୍ଯ୍ୟ କେତେ ଅର୍ଥରେ ସମ୍ପାଦନ କରିଛନ୍ତି କିମ୍ବା କେତେ ଅର୍ଥ ନିଗମରେ ଜମା କରିଛନ୍ତି ଓ କେଉଁ ବିଲ୍ଡ଼ର୍ ଅର୍ଥ ଜମା ନକରି କିମ୍ବା ଉନ୍ନୟନମୂଳକ କାର୍ଯ୍ୟ ନକରି NOC ଦିଆଯାଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ୧୨.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୫.୦୭.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୭.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀମତୀ ସୁଚିତ୍ରା ପାତ୍ର,
୩. ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ,
୪. ମୋନାଲିସା ବେହେରା

ଅଦ୍ୟ ତା ୧୮.୦୭.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ପାର୍କ, ରାସ୍ତାର ମିଡ଼ିଆନ୍ ଓ ରାସ୍ତା ପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ ହୋଇଥିବା ସ୍ଥାନ ଗୁଡ଼ିକ କିଭଳି ରକ୍ଷଣାବେକ୍ଷଣ ହେଉଅଛି ତାହା ଦେଖିବା ପାଇଁ କମିଟି ଯିବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ପରିବେଶ ଅଧିକାରୀ/ ଉପ ଆୟୁକ୍ତ, ପାର୍କ ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ବର୍ତ୍ତମାନ ବର୍ଷାଋତୁ ଚାଲିଅଛି ଗଛ ଲଗାଇଲେ ଭଲ ଭାବରେ ବଂଚିବ, ତେଣୁ ନିଗମାଂଚଳରେ ତା ୧୫.୦୮.୨୦୨୫ ରିଖ ପୂର୍ବରୁ ବୃକ୍ଷରୋପଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତା ପାର୍ଶ୍ୱରେ କେତେକ ସ୍ଥାନରେ ଗଛଡ଼ାଳ ରାସ୍ତାକୁ ମାଡ଼ିଯାଇଥିବାରୁ ବିଦ୍ୟୁତ୍ ଆଲୋକ ରାସ୍ତାରେ ପଡୁନାହିଁ, ତେଣୁ ସେହି ସ୍ଥାନରୁ ଗଛଡ଼ାଳ କାଟିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୧୮.୦୭.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୦୭.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ପୂଜା ମହାରଣା,
୪. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୫. ଶ୍ରୀମତୀ ସୁଜାତା ଛୋଟରାୟ,
୬. ଶ୍ରୀମତୀ ଝରଣାରାଣୀ ପତି,
୭. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୨୧.୦୭.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ତା ୧୭.୦୫.୨୦୨୫ ରିଖରେ ମାନନୀୟା ମେୟର ଏବଂ ବି.ଏମ୍.ସି ର ଅଧିକାରୀଙ୍କ ଉପସ୍ଥିତିରେ ଖାଓଗଳିର ଭେଣ୍ଡର ମାନଙ୍କ ସହିତ ଖାଓଗଳିର Service Charges payments ସମ୍ବନ୍ଧୀୟ ବିଷୟରେ ଆଲୋଚନା ହୋଇଥିଲା, ଉକ୍ତ ବୈଠକରେ ଆଲୋଚନା ଏବଂ ନିଷ୍ପତି ଅନୁସାରେ ଖାଓଗଳି ଭେଣ୍ଡରମାନେ ତା ୦୧.୦୪.୨୦୨୪ ରିଖରୁ ତା ୩୧.୦୫.୨୦୨୫ ରିଖର ବକେୟା ଦେୟ ଗୁଡ଼ିକୁ ୪ ଗୋଟି କିସ୍ତିରେ ପ୍ରଦାନ କରିବେ । ଏହାଛଡ଼ା ଖାଓଗଳି ଭେଣ୍ଡର ମାନଙ୍କର ବକେୟା ଦେୟ ସେମାନଙ୍କ ଆବଂଟନ କରିବା ଦିନ ଠାରୁ ତା ୦୧.୦୫.୨୦୨୨ ରିଖରୁ ତା ୩୧.୦୩.୨୦୨୪ ରିଖ ମଧ୍ୟରେ ପ୍ରତ୍ୟେକ ଭେଣ୍ଡରଙ୍କ ପାଇଁ ଟ୬,୦୦୦/- ସହିତ ୧୮% GST ଦେବାପାଇଁ ନିର୍ଦ୍ଦେଶ ରହିଥିଲା । ସେମାନଙ୍କ ଆବେଦନକୁ ବିଚାର କରି ଟ୬,୦୦୦/- ପରିବର୍ତ୍ତେ ଟ୩,୦୦୦/-ସହିତ ୧୮% GST ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ନଂ-୬୭,୬୩ ଓ ୨୦ ରେ ଭେଣ୍ଡିଂଜୋନ୍ ନିର୍ମାଣ କରିବା ପାଇଁ ଆବଶ୍ୟକ ହେଉଥିବା ଜମି ନିମନ୍ତେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଇବା ପାଇଁ ଠିକା ନେଇଥିବା ମେସର୍ସ ଅଜନ୍ତା ଆଡ୍‌ଭରଟାଇଜରଙ୍କ ଚୁକ୍ତିପତ୍ର ସର୍ତ୍ତ ଅନୁଯାୟୀ ତାଙ୍କର ମିଆଦ ଆଉ ତିନି ବର୍ଷ ବୃଦ୍ଧି କରିବା ଏବଂ ତାଙ୍କର ବର୍ଦ୍ଧିତ ଦର ଏକ କମିଟି ଦ୍ୱାରା ନିର୍ଦ୍ଧାରିତ କରାଯାଇ କର୍ପୋରେସନରେ ଉପସ୍ଥାପନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ପାର୍କିଙ୍ଗ୍ ସ୍ଥଳ ନିଲାମ ନେଇଥିବା ସଂସ୍ଥା ମନଇଚ୍ଛା ଗାଡ଼ି ଠାରୁ ପାର୍କିଙ୍ଗ୍ ନେଉଛନ୍ତି, ତେଣୁ ସେମାନେ କେଉଁ ଗାଡ଼ି ପାଇଁ କେତେ ଟଙ୍କା ଫି ଦେବାକୁ ପଡ଼ିବ ସେମାନେ ଏକ ଫଳକରେ ପାର୍କିଙ୍ଗ୍ ସ୍ଥାନରେ ଦୃଶ୍ୟମାନ ହେବାଭଳି ଲଗାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୨୧.୦୭.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୦୭.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ଇତିଶ୍ରୀ ଦାସ,
୩. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୪. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ

ଅଦ୍ୟ ତା ୧୫.୦୭.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୱାର୍ଡ଼ ନଂ-୧୧ ତଥା ପାଖ ଅଂଚଳରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ମରଶରୀର ପୋଡ଼ିବା ପାଇଁ ଅସୁବିଧା ହେଉଥିବାରୁ ଲୋକମାନେ ଅଭିଯୋଗ କରୁଛନ୍ତି, ତେଣୁ ୱାର୍ଡ଼ ନଂ-୧୧ ରେ ଥିବା ଖାଲି ସ୍ଥାନରେ ଏକ ଶ୍ମଶାନ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ନୂତନ କର୍ପୋରେସନ ଆସିବା ପରେ ୱାର୍ଡ଼ ନଂ-୧୧ ରେ ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବା ଅଭିଯୋଗ ହେଉଅଛି, ତେଣୁ ୱାର୍ଡ଼ ନଂ-୧୧ ରେ ୨୦୨୨ ମସିହା ଠାରୁ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ତାଲିକା ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୧ ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୫.୧୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୫.୦୭.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୨.୦୭.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ସକିବା ମୁଶରତ୍,
୩. ପୂଜା ବେହେରା,
୪. ଶ୍ରୀମତୀ ସୁଷମା ସାହୁ,
୫. ଶ୍ରୀମତୀ ସ୍ମୃତିଶିଖା ବରିସଲ,
୬. ଶ୍ରୀ ଅଜିତ୍ ବେହେରା,
୭. ଶ୍ରୀ ଆଶିଷ କୁମାର ପଟ୍ଟନାୟକ

ଅଦ୍ୟ ତା ୨୨.୦୭.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ସରକାରଙ୍କ ଆବଶ୍ୟକ ମୁତାବକ କିଛି ବସ୍ତି ଉଚ୍ଛେଦ କରାଯାଇ ସେହି ସ୍ଥାନରେ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ କରାଯିବ, ତେଣୁ ନିମ୍ନଲିଖିତ ବସ୍ତି ଗୁଡ଼ିକୁ ସେଠାରୁ ସ୍ଥାନାନ୍ତରିତ କରାଯାଇ ଚନ୍ଦ୍ରଶେଖରପୁର (ବୃନ୍ଦବିହାର) ଗୃହ ପ୍ରକଳ୍ପରେ ସ୍ଥାୟୀ ଥଇଥାନ କରାଯିବ । ଏହାର ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

୧-ଭେଙ୍କଟେଶ୍ୱର ବସ୍ତି, ୱାର୍ଡ଼ ନଂ-୪୮ ରେ ୩୦ ପରିବାର
୨-ମହାବୀର ବସ୍ତି (TTS) ୱାର୍ଡ଼ ନଂ-୧୧ ରେ ୪୫ ପରିବାର
୩-ନିକୋପାର୍କ ବସ୍ତି, ୱାର୍ଡ଼ ନଂ-୩୬ ରେ ୧୦ ପରିବାର
୪-ପାନବରଜ ବସ୍ତି, ଲକ୍ଷ୍ମୀସାଗର, ୱାର୍ଡ଼ ନଂ-୪୩ ରେ ୫୦ ପରିବାର
୫-ଭୋଇନଗର ବସ୍ତି, ୱାର୍ଡ଼ ନଂ-୨୯ ରେ ୧୫ ପରିବାର
୬- ବି.ଡ଼ି.ଏ ଦେଇଥିବା ଲଟେରୀ ଲିଷ୍ଟ (ସ୍ୱପ୍ନ ଟ୍ରଷ୍ଟ-୧୮, ଭଗବତୀ ବସ୍ତି-୧ ଏବଂ ୨-୧୧ ପରିବାର, ୱାର୍ଡ଼ ନଂ-୩୫, ନାରାୟଣୀ ବସ୍ତି-୨ ପରିବାର, ୱାର୍ଡ଼ ନଂ-୪୭, ତାରିଣୀ ବସ୍ତି-୧ ପରିବାର, ୱାର୍ଡ଼ ନଂ-୪୦, ବାବା ତ୍ରିନାଥ ପିଚୁ ପଡ଼ିଆ ବସ୍ତି-୧ ପରିବାର, ୱାର୍ଡ଼ ନଂ-୪୬, ସାଲିଆ ସାହି-୪ ପରିବାର, ୱାର୍ଡ଼ ନଂ-୩୦ ତେଲୁଗୁ ବସ୍ତି-୧ ପରିବାର)

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୨୨.୦୭.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୦୭.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଦୀପକ କୁମାର ମିଶ୍ର, ଚେୟାରମ୍ୟାନ୍,
୨. ଶ୍ରୀ କୁମାରେନ୍ଦ୍ର ମହାପାତ୍ର,
୩. ଶ୍ରୀମତୀ କିରଣବାଳା ମାଝୀ,
୪. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା,
୫. ଶ୍ରୀମତୀ ଧରିତ୍ରୀ ଜେନା,
୬. ଶ୍ରୀମତୀ ବନ୍ଦିତା ପାଲ୍,
୭. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ

ଅଦ୍ୟ ତା ୨୧.୦୭.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଓଡ଼ିଶା ମୁନିସିପାଲ୍ କର୍ପୋରେସନ୍ ଆକ୍ଟ-୨୦୦୩ ରେ ବର୍ଣ୍ଣିତ ଧାରା-୧୨୧ ଅନୁସାରେ ମୁନିସିପାଲ୍ କମିଶନର, ଭୁବନେଶ୍ୱର ମହାନଗର ନିଗମ ତା ୦୯.୦୪.୨୦୨୨ ରିଖ ଠାରୁ ଅଦ୍ୟାବଧି ବିଭିନ୍ନ ସମୟରେ ତାଙ୍କର ଅଧିନସ୍ଥ ନିଗମ ଅଧିକାରୀ ମାନଙ୍କୁ ତାଙ୍କର କ୍ଷମତାକୁ ହସ୍ତାନ୍ତର କରିଅଛନ୍ତି ।

ପ୍ରକାଶ ଥାଉକି, Odisha Gazette Notification No.-1151 ତା ୦୪.୦୭.୨୦୧୬ ରିଖରେ ଧାରା-୧୨୧ ଅନୁସାରେ କମିଶନରଙ୍କ କ୍ଷମତା ହସ୍ତାନ୍ତର ନିୟମକୁ ଉଠାଇ ନେଇଛନ୍ତି । ନୂତନ ଭାବେ କର୍ପୋରେସନ ନିର୍ବାଚନ ପରେ ତା ୦୯.୦୪.୨୦୨୨ ରିଖ ଠାରୁ ସେହି ଧାରା-୧୨୧ ଅନୁସାରେ ବିଭିନ୍ନ ସମୟରେ ଅଧସ୍ତନ ଅଧିକାରୀ ମାନଙ୍କୁ କ୍ଷମତା ପ୍ରଦାନ କରିଅଛନ୍ତି ଯାହାକି, ଧାରା-୩୦ ଅନୁସାରେ ଷ୍ଟାଣ୍ଡିଂ କମିଟିର ଅନୁମୋଦନରେ ହସ୍ତାନ୍ତର କରାଯିବା ଆବଶ୍ୟକ, ଏହି ପରିପ୍ରେକ୍ଷୀରେ ତା ୦୯.୦୪.୨୦୨୨ ରିଖ ଠାରୁ ଅଦ୍ୟାବଧି ବିଭିନ୍ନ ଅଧିକାରୀ ମାନଙ୍କୁ ଧାରା-୧୨୧ ରେ ହସ୍ତାନ୍ତରିତ ହୋଇଥିବା କ୍ଷମତା ସମ୍ବନ୍ଧୀୟ କାର୍ଯ୍ୟାଳୟ ଆଦେଶ ଗୁଡ଼ିକ ଓଡ଼ିଶା ମୁନିସିପାଲ୍ କର୍ପୋରେସନ୍ ଆକ୍ଟ-୨୦୦୩ ରେ ବର୍ଣ୍ଣିତ ଧାରା-୩୦ ଅନୁଯାୟୀ କାର୍ଯ୍ୟୋତର ମଞ୍ଜୁରୀ ନିମନ୍ତେ କମିଟିଙ୍କ ବିଚ୍ଚର:- ନଥି ନଂ- XXXXVI-(Misc.)-6/2025 ଟିପ୍ପଣୀ ପୃଷ୍ଠା- ୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଆଦେଶ ସଂଖ୍ୟା-୧୧୪୭୮ ତା ୦୨.୦୪.୨୦୨୫ ରିଖ ଅନୁଯାୟୀ ଶ୍ରୀ କୈଳାଶ ଚନ୍ଦ୍ର ଦାସ OAS (SAG) ଅତିରିକ୍ତ କମିଶନର ରୂପେ କାର୍ଯ୍ୟରେ ଯୋଗ ଦେବାପରେ ଓଡ଼ିଶା ମୁନିସିପାଲ୍ କର୍ପୋରେସନ୍ ଆଇନ୍-୨୦୦୩ ର ଧାରା-୩୦ ଅନୁଯାୟୀ ନିଗମର କମିଶନର ତାଙ୍କୁ ଗାଡ଼ି, ଆଇନ୍, ପରିବେଶ ଓ ରାସ୍ତାଲୋକ ଉପ ବିଭାଗର ଦାୟିତ୍ୱ ଦେବା ସହିତ ଉକ୍ତ ବିଭାଗର ବିଲ୍ ଯାଂଚ୍ ଓ ଟ ୩୫,୦୦,୦୦୦/- (ପଇଁତିରିଶ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ ବିଲ୍ ପାରିତ କରିବା କ୍ଷମତା ହସ୍ତାନ୍ତର କରିବାକୁ ଚାହୁଁଛନ୍ତି । ଏହାର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚ୍ଚର:- ନଥି ନଂ- XXIII-(G.M.)-31/2024 ଟିପ୍ପଣୀ ପୃଷ୍ଠା-୨୬ ରୁ ୨୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମର ଆଇଟି ଉପବିଭାଗରେ ଆଉଟ୍‌ସୋର୍ସିଂ ଜରିଆରେ ତିନି ଜଣ ଆଇଟି କନ୍‌ସଲଟାଂଟ୍ ନିୟୋଜିତ ହୋଇଛନ୍ତି । ଆଉଟ୍‌ସୋର୍ସିଂ ଏଜେନ୍ସି ମେସର୍ସ ଓରିଏଂଟାଲ୍ ସିକ୍ୟୁରିଟି ସର୍ଭିସେସ୍ (M/s Oriental Security Services) ସହିତ ହୋଇଥିବା ଚୁକ୍ତିପତ୍ର ଅନୁଯାୟୀ ପ୍ରତିବର୍ଷ ଏହି ତିନି ଜଣ ଆଇଟି କନ୍‌ସଲଟାଂଟ୍‌ଙ୍କର ପାରିଶ୍ରମିକ (Remuneration) ୧୦ ପ୍ରତିଶତ ବୃଦ୍ଧି କରାଯିବ । ଏହା ଚୁକ୍ତିପତ୍ର କ୍ଲଜ୍ ନଂ-୨.୧୪ ରେ ଉଲ୍ଲେଖ ରହିଅଛି । ଅପରପକ୍ଷେ ଆଇଟି ଉପ ଆୟୁକ୍ତଙ୍କ ଦ୍ୱାରା ସମ୍ପୃକ୍ତ କର୍ମଚ୍ଚରୀଙ୍କର ସନ୍ତୋଷଜନକ Performance Report ମଧ୍ୟ ପ୍ରଦାନ କରାଯାଇଅଛି । ସଂପ୍ରତି ସେମାନେ ପାଉଥିବା ପାରିଶ୍ରମିକ ନିମ୍ନରେ ପ୍ରଦାନ କରାଗଲା । ବାର୍ଷିକ ଚୁକ୍ତିପତ୍ରର ଅବଧି ଚଳିତ ଏପ୍ରିଲ୍ ୩୦ ତାରିଖରୁ ଶେଷ ହୋଇଯାଉଥିବାରୁ ତାହା ଏକ ବର୍ଷ ପାଇଁ ନବୀକରଣ (Renewal) କରାଯିବାର ଆବଶ୍ୟକତା ରହିଛି ।

ପ୍ରକାଶ ଥାଉକି, ଗତ ତା ୩୦.୦୫.୨୦୨୫ ରିଖ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୬(୪) ରେ ଏହି ପ୍ରସ୍ତାବ ଆଗତ କରାଯାଇଥିଲା । କର୍ପୋରେସନ୍ ଏ ପ୍ରସ୍ତାବ ଉପରେ ଷ୍ଟାଣ୍ଡିଂ କମିଟିଙ୍କ ମତାମତ ସହିତ ପୁନଃବାର ଉପସ୍ଥାପନ କରିବା ପାଇଁ ନିଷ୍ପତି ନେଇଥିଲେ । ତଦନୁଯାୟୀ ନିମ୍ନବର୍ଣ୍ଣିତ ତିନି ଜଣ ଆଇଟି କନ୍‌ସଲଟାଂଟ୍‌ଙ୍କର ନିୟୋଜିତ କାର୍ଯ୍ୟକାଳ ପୁନଃ ଏକ ବର୍ଷ ପାଇଁ ନବୀକରଣ (Renewal) କରାଯିବା ସହ ସେମାନଙ୍କର ପାରିଶ୍ରମିକ ବୃଦ୍ଧି କରିବା ନିମନ୍ତେ କମିଟିଙ୍କ ବିଗ୍ଚର:- ନଥି ନଂ-XIV- (Land & IT)-39/2022

**Present Remuneration of the Employees**

| Sl. No. | Name of the Post | No. of Post | Remuneration per Month |
|---|---|---|---|
| 1 | Consultant (IT Infrastructure Expert) | 01 | Rs.33,000/- |
| 2 | Consultant (Software) | 01 | Rs.33,000/- |
| 3 | Technical Support Assistant (Hardware) | 01 | Rs.16,500/- |

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ କର୍ପୋରେସନଙ୍କ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୪. ଭୁବନେଶ୍ୱର ମହାନଗର ନିଗମରେ ଆଉଟସୋର୍ସିଂ ଜରିଆରେ ୩୪ ଜଣ ଡ଼ାଟା ଏଂଟ୍ରୀ ଅପରେଟର କମ୍ପ୍ୟୁଟର କାର୍ଯ୍ୟ ପାଇଁ ବିଭିନ୍ନ ଉପବିଭାଗରେ ନିୟୋଜିତ ହୋଇଛନ୍ତି। ଆଉଟସୋର୍ସିଂ ଏଜେନ୍ସି ମେସର୍ସ କମ୍ପ୍ୟୁଟର ଲ୍ୟାବ୍ (M/s Computer Lab) ସଂସ୍ଥାଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ୩୪ ଜଣ ଡ଼ାଟା ଏଂଟ୍ରୀ ଅପରେଟର ମାନଙ୍କୁ ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବିମା ବିଭାଗ ନିର୍ଦ୍ଧାରଣ ସଂଖ୍ୟା- 2602 ତା 30.04.2025 ରିଖରେ ଶ୍ରମିକ ମାନଙ୍କ ଦୈନିକ ମଜୁରୀ ବୃଦ୍ଧି ଅନୁଯାୟୀ ଦୈନିକ ଟ 562/- ରେ ପଇଠ କରାଯିବ। ଅପରପକ୍ଷେ ବିଭିନ୍ନ ବିଭାଗର ଉପାୟୁକ୍ତଙ୍କ ଦ୍ୱାରା ସଂପୃକ୍ତ କର୍ମଚାରୀଙ୍କର ସନ୍ତୋଷଜନକ Performance Report ମଧ୍ୟ ପ୍ରଦାନ କରାଯାଇଅଛି।

ପ୍ରକାଶ ଥାଉକି, ଗତ ତା ୨୫.୦୬.୨୦୨୫ ରିଖ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟ-୬(୯) ରେ ଏହି ପ୍ରସ୍ତାବ ଆଗତ କରାଯାଇଥିଲା । କର୍ପୋରେସନ ଏହି ଡ଼ାଟା ଏଂଟ୍ରି ଅପରେଟର ମାନଙ୍କର କାର୍ଯ୍ୟକାଳ ଦୁଇ ମାସ ବୃଦ୍ଧି କରିବା ସହ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିଙ୍କ ଅନୁମୋଦନ ପରେ ଏହାକୁ କର୍ପୋରେସନରେ ଉପସ୍ଥାପନ କରିବା ପାଇଁ ନିଷ୍ପତି ହୋଇଥିଲା । ତଦନୁଯାୟୀ ଏହା ଉପରେ କମିଟିଙ୍କ ବିଗ୍ଚର:- ନଥି ନଂ-XXIII (Gen.) 24/2022

ନିର୍ଦ୍ଧାରଣ-୪. ଏ ପ୍ରସ୍ତାବ କର୍ପୋରେସନଙ୍କ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମ ପୌର ଚିକିତ୍ସାଳୟରେ ଚୁକ୍ତିଭିତିକ ଭାବରେ ନିଯୁକ୍ତି ପାଇଥିବା ଦନ୍ତ ଚିକିତ୍ସକ ଡ଼. ରଞ୍ଜିତା ମହାନ୍ତି ତା ୦୪.୦୨.୨୦୨୫ ରିଖ ଠାରୁ କାର୍ଯ୍ୟ କରୁଛନ୍ତି ଏବଂ ତାଙ୍କର କାର୍ଯ୍ୟକାଳ ତା ୦୯.୦୬.୨୦୨୫ ରିଖରେ ସମାପ୍ତ ହୋଇଯାଇଛି । ସି.ଏମ୍.ଏମ୍.ଓ ଙ୍କ ସୁପାରିଶ ଅନୁଯାୟୀ ପୌର ଚିକିତ୍ସାଳୟରେ ଦନ୍ତ ଚିକିତ୍ସକଙ୍କ ଆବଶ୍ୟକତା ଥିବାରୁ ନଥି ନଂ- XVII-C-03/2025 ଟିପ୍ପଣୀ ୪୦ ରୁ ୪୮ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁସାରେ ଡ଼. ରଞ୍ଜିତା ମହାନ୍ତିଙ୍କ କାର୍ଯ୍ୟାଳୟ ୭ ଦିନ ଗ୍ୟାପ୍ ଦେଇ ତା ୧୭.୦୬.୨୦୨୫ ରିଖରୁ ତା ୧୬.୦୬.୨୦୨୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର:-

ନିର୍ଦ୍ଧାରଣ-୫. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୬. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୬(୧). ନୂତନ କର୍ପୋରେସନ ଆସିବା ପରେ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତି ଉପରେ କ'ଣ ପଦକ୍ଷେପ ନିଆଯାଇଅଛି ତାହା କମିଶନରଙ୍କ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୬(୨). ନିଗମର ଡ଼ାକ୍ତରଖାନା, ହେଲ୍‌ଥ ଅଫିସ୍, ତିନି ଗୋଟି ଜୋନ୍‌ରେ, ମୁଖ୍ୟ କାର୍ଯ୍ୟାଳୟରେ କେତେ ନିୟମିତ କର୍ମଚାରୀ, ଡ଼ି.ଏଲ୍.ଆର୍, ସି.ଏଲ୍.ଆର୍, ଆଉଟ୍‌ସୋର୍ସିଂ ଷ୍ଟାଫ୍ କେତେ ଜଣ ଅଛନ୍ତି, ସେମାନେ କେତେ ଦିନ ହେବ ଅଛନ୍ତି, ସେମାନେ କେଉଁ କାର୍ଯ୍ୟରେ ନିଯୁକ୍ତି ପାଇଥିଲେ ଏବଂ ବର୍ତ୍ତମାନ ସେମାନେ କେଉଁ କାର୍ଯ୍ୟ କରୁଛନ୍ତି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୬(୩). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୨୪ ସହିତ ବହୁ ୱାର୍ଡ଼ରେ ଫଗିଙ୍ଗ୍ ହେଉନାହିଁ, ତେଣୁ ଯେଉଁ ୱାର୍ଡ଼ରେ କର୍ମଘରୀମାନେ ଠିକ୍ ଭାବରେ ଫଗିଙ୍ଗ୍ କରୁନାହାଁନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୬(୪). ଆଉଟ୍‌ସୋର୍ସିଂ ମାଧ୍ୟମରେ କେତେ କର୍ମଘରୀ ରଖିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି ଏବଂ କେତେ ଜଣ ଅଛନ୍ତି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୬(୫). ଆଉଟ୍‌ସୋର୍ସିଂ ମାଧ୍ୟମରେ କର୍ମଘରୀମାନେ ଯେଉଁ ସଂସ୍ଥା ମାଧ୍ୟମରେ ଅଛନ୍ତି ସେମାନଙ୍କର କାର୍ଯ୍ୟକାଳ ପୂର୍ଣ୍ଣ ହେବାର ୨ ମାସ ପୂର୍ବରୁ କମିଟିରେ ଉପସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୬(୬). "ମୁକ୍ତା" ଯୋଜନାରେ ନିଯୁକ୍ତି ପାଇଥିବା ଏଗାର ଜଣ କନିଷ୍ଠ ଯନ୍ତ୍ରୀଙ୍କର ନିୟୋଜନ କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୬(୭). ନିଗମର କର୍ମଘରୀ ଅଭାବରୁ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ ହୋଇପାରୁନାହିଁ, ତେଣୁ ନିଗମର ୬୭ ଗୋଟି ୱାର୍ଡ଼ରେ ୬୭ ଜଣ ୱାର୍ଡ଼ ଅଫିସର ଆଉଟ୍‌ସୋର୍ସିଂ ମାଧ୍ୟମରେ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୬(୮). ନୂତନ କର୍ପୋରେସନ ଆସିବା ପରେ ସାଧାରଣ ଷ୍ଟୋର୍‌ରେ ଅଫିସିଆଲ୍ ମ୍ୟାଟେରିଆଲ୍ କେତେ କ୍ରୟ କରାଯାଇଅଛି, କେଉଁ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଅଛି ତାହାର ପରିମାଣ ଓ ଅର୍ଥ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ଘ. ୧୧.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଦୀପକ କୁମାର ମିଶ୍ର
ସଭାପତି
ତା ୨୧.୦୭.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୮.୦୭.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପର୍ସନ୍,
୨. ଶ୍ରୀ ରତ୍ନାକର ସାହୁ, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୫. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୬. ଶ୍ରୀ ବିରଂଚି ନାରାୟଣ ମହାସୁପକାର,
ଚେୟାରମ୍ୟାନ୍, ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୭. ଶ୍ରୀ ଶ୍ରୀଧର ବେହେରା,
ଚେୟାରମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୮.୦୭.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ମଶା ମାନଙ୍କର ପ୍ରାଦୁର୍ଭାବକୁ ରୋକିବା ପାଇଁ ଡ଼େଲ୍ଟା ମେଥ୍ରିଲିନ୍-୧.୨୫% =୧୦୦୦ ଲିଟର ଯାହାର ଆନୁମାନିକ ମୂଲ୍ୟ ୨୭ ଲକ୍ଷ (Excluding GST) ଓ ମଲାଥାଅନ୍ ୫୦୦ ଲିଟର ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା (Excluding GST) କୁ କ୍ରୟ କରିବା ନିମନ୍ତେ ଟେଣ୍ଡର ଆହ୍ୱାନ କରିବାକୁ ଯାଉଅଛି । ଉକ୍ତ ଟେଣ୍ଡରକୁ ଅନୁମୋଦନ ନିମନ୍ତେ କମିଟିଙ୍କ ବିଗ୍ଭର:- ନଥି ନଂ- GS-40/25 ଟିପ୍ପଣୀ ପୃଷ୍ଠା-୧ ରୁ ୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ଅଂଚଳରେ ଅଗ୍ନି ନିରାପତା ସମ୍ପର୍କରେ ସଚେତନ କରିବା ପାଇଁ ପଥପ୍ରାନ୍ତ ନାଟକ ଟେଣ୍ଡର ମାଧମରେ ଆୟୋଜନ କରିବାକୁ ଯାଉଅଛି । ଉକ୍ତ କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚ୍ଚାଳନା ବିଭାଗ (OSDMA) ଦ୍ୱାରା ପାଂଚ ଲକ୍ଷ ଟଙ୍କା ଭୁବନେଶ୍ୱର ମହାନଗର ନିଗମକୁ ପ୍ରଦାନ କରିଛନ୍ତି । ଉକ୍ତ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ କମିଟିଙ୍କ ବିଗ୍ଭର:- ନଥି ନଂ- GS-40/25 ଟିପ୍ପଣୀ ପୃଷ୍ଠା-୧ ରୁ ୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଭର:-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Preparation of Temporary Tank near Daya Bridge and near Tankapani Bridge for immersion of idols on Occasion of Ganesh Puja, Dasahara Puja, Laxmi Puja and Kali Puja for the Year 2025 File No.-XXIX-Div.-III-09/2025 | Rs.10,41,839/- | Rs. 8,85,668/- | Smruti Ranjan Dash | 14.99 |

| | | | | |
|---|---|---|---|---|
| 2. | Regular repair & maintenance of roads in Ward No.-29,30,31,34 & 55 of Bhubaneswar Municipal Corporation Area File No.-XXIX-Div.-III-369/2024 | Rs.75,03,714/- | Rs.63,78,907/- | Pradipta Ku. Sethi | 14.99 |

ନିର୍ଦ୍ଧାରଣ-୩. ପ୍ରସ୍ତାବ ବର୍ଣ୍ଣିତ ଦୁଇ ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର OPWD Code ଅନୁଯାୟୀ ସର୍ତମୂଳକ ଭାବେ ସର୍ବ ସମ୍ମତିକ୍ରମେ ଗ୍ରହଣ/ ଅନୁମୋଦନ କରାଗଲା ।

ପ୍ରସ୍ତାବ-୪. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚ୍ୟର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Construction of Road & Drain from Plot No.-EB-521 to EB-437 at Badagada Brit Colony in W.No.-57 File No.-XXIX-Div.-III-564/2023 | Rs.48,47,262/- | Rs. 49,90,257/- | Nabaghana Parida | 2.95 |

ନିର୍ଦ୍ଧାରଣ-୪. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ସର୍ବ ସମ୍ମତିକ୍ରମେ ଗ୍ରହଣ/ ଅନୁମୋଦନ କରାଗଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ମୁଖ୍ୟ କାର୍ଯ୍ୟାଳୟ, ମଣ୍ଡଳ କାର୍ଯ୍ୟାଳୟ, ବି.ଏମ୍.ସି ଚିକିତ୍ସାଳୟ, ବିଭିନ୍ନ ଆହାର କେନ୍ଦ୍ର, SUH, MCC, MRF, UPHC, TTS Point, Crematorium ଏବଂ ବି.ଏମ୍.ସି ର ଅନ୍ୟାନ୍ୟ କାର୍ଯ୍ୟାଳୟରେ ନିରାପତା ନିମନ୍ତେ ଆବଶ୍ୟକୀୟ ନିରାପତା ରକ୍ଷୀ M/s Jagannath Placement & Security Services Pvt. Ltd. ତା ୧୦.୦୯.୨୦୨୩ ରିଖ ଠାରୁ ଯୋଗାଇଆସୁଛନ୍ତି । M/s Jagannath Placement & Security Services Pvt. Ltd. ସହିତ ୨ ବର୍ଷ ପାଇଁ ହୋଇଥିବା ଚୁକ୍ତିନାମା ଆସନ୍ତା ତା ୦୯.୦୯.୨୦୨୫ ରିଖରେ ସମାପ୍ତ ହେବାକୁ ଯାଉଅଛି । M/s Jagannath Placement & Security Services Pvt. Ltd. ସହିତ ତା ୧୩.୦୯.୨୦୨୩ ରିଖ ହୋଇଥିବା ଚୁକ୍ତିନାମାର ଅନୁଚ୍ଛେଦ ୪ ରେ ଏଜେନ୍ସିର କାର୍ଯ୍ୟକାଳ ପୁନଃ ୨୪ ମାସ ବଢାଇବାର ପ୍ରାବଧାନ ଅଛି । ନଥି ନଂ- XXIII-Gen.-Misc.-40/2020 ଟିପ୍ପଣୀ ସଂଖ୍ୟା-୨୩୪ ରୁ ୨୩୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶକୁ ଭିତିକରି M/s Jagannath Placement & Security Services Pvt. Ltd. ର ଚୁକ୍ତିପତ୍ର ସର୍ତ ଅନୁଯାୟୀ କାର୍ଯ୍ୟକାଳ ଆଉ ୨୪ ମାସ ବୃଦ୍ଧି କରିବା ନିମନ୍ତେ କମିଟିଙ୍କ ବିଚ୍ୟର :-

ନିର୍ଦ୍ଧାରଣ-୫. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମର ସାନିଟେସନ୍ ଉପବିଭାଗରେ କାମ କରୁଥିବା Solid Waste Management, PMU (Project Monitoring Unit) i.e IPE Global Ltd. ରେ କାର୍ଯ୍ୟରତ ଥିବା ୪ ଜଣ ଏକ୍ସପର୍ଟ ଯଥା- Contract Management Expert, Project Monitoring Expert ଏବଂ ୨ ଜଣ Project Associates ବିଭିନ୍ନ ସାନିଟେସନ୍ କାର୍ଯ୍ୟ ଯଥା-RFP (Request for proposal) SOP (Standard Operating Procedure), estimation, Tender document, Technical Evaluation of the Tender ଏବଂ ଏଗ୍ରିମେଂଟ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପୂର୍ଣ୍ଣ କରୁଛନ୍ତି । କାର୍ଯ୍ୟରତ Solid Waste Management, PMU ର ଚୁକ୍ତି ମିଆଦି ତା ୨୨.୧୦.୨୦୨୫ ରିଖ ପର୍ଯ୍ୟନ୍ତ ଥିବାରୁ ଏହି ଚୁକ୍ତିପତ୍ର ମିଆଦି ବୃଦ୍ଧି ତା ୨୩.୧୦.୨୦୨୫ ରିଖ ଠାରୁ ତା ୨୨.୦୪.୨୦୨୬ ରିଖ ପର୍ଯ୍ୟନ୍ତ (୬ ମାସ) ବୃଦ୍ଧି କରିବା ସମ୍ପର୍କରେ କମିଟିଙ୍କ ବିଚ୍ୟର :- ନଥି ନଂ- XXXXX-II-SBAC-667/2021-22 ଟିପ୍ପଣୀ ୯୪ ରୁ ୯୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୬. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭. ଭୁବନେଶ୍ୱର ମହାନଗର ନିଗମ ର ୨୦ ଗୋଟି ୱାର୍ଡର ସଫେଇ କାର୍ଯ୍ୟ କରିବା ପାଇଁ ୪ ଗୋଟି ପ୍ୟାକେଜ ରେ ୨ ଗୋଟି ସଫେଇ ସଂସ୍ଥା ଯଥା : M/s Jagruti Welfare Organization ୩ ଗୋଟି ପ୍ୟାକେଜ ଯଥା :ପ୍ୟାକେଜ (୧,୨,୩) ଏବଂ M/s PMR Consortium ୧ ଗୋଟି ପ୍ୟାକେଜ ଯଥା :(ପ୍ୟାକେଜ -୪) ରେ ନିୟୋଜିତ ଅଛନ୍ତି I ଏହି ୨୦ ଗୋଟି ୱାର୍ଡରେ ଏହି ୨

ଗୋଟି ସଂସ୍ଥା Tonnage ମାଧ୍ୟମରେ ସଫେଇ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ଏହି ଉପରିଲିଖିତ ୱାର୍ଡ ଗୁଡିକର ଚୁକ୍ତିନାମା ଯାହାକି ୩୦.୦୬.୨୦୨୫ ରେ ସମାପ୍ତ ହୋଇଯାଇଥିବାରୁ ଉଚ୍ଚକର୍ତ୍ତୃପକ୍ଷଙ୍କ ଆଦେଶ ମତେ ଏହି ପ୍ୟାକେଜ ଗୁଡିକର ଚୁକ୍ତିନାମା ଆହୁରି ୩ ମାସ ଯଥା ୦୧.୦୭.୨୦୨୫ ଠାରୁ ୩୦.୦୯.୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି । ପରବର୍ତ୍ତୀ କାଳେ M/s Manju Services ଦ୍ୱାରା ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ ପିଟିସନ ଯୋଗୁଁ ପରିମଳ ଟେଂଡର ର ପ୍ୟାକେଜ ନଂ- ୫ ଓ ୮ ଅନ୍ତର୍ଗତ ୱାର୍ଡ ଏବଂ ପ୍ୟାକେଜ ୩ ଅନ୍ତର୍ଗତ ୱାର୍ଡ ଗୁଡିକ ମାନ୍ୟବର ହାଇକୋର୍ଟ ରେ ବିଚାର ଧୀନ ଅଛି । ଏହାକୁ ଭିତିକରି ଘରୋଇ ସଂସ୍ଥା ଗୁଡିକୁ ନିୟୋଜିତ କରି ସମ୍ପୃକ୍ତ ୱାର୍ଡ ରେ ପରିମଳ କାର୍ଯ୍ୟ ଜାରି ରଖିବା ଅତ୍ୟନ୍ତ ଜରୁରୀ । ଏହାର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଗ୍ଭର:- ନଥି ନଂ-XXXXX-II-SWMPMU-୩୮-୨୦୨୦-୨୧ ଟିପ୍ପଣୀ ପୃଷ୍ଠା ସଂଖ୍ୟା-୧୯୮/N to ୨୦୯/N ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮. ଭୁବନେଶ୍ୱର ମହାନଗର ନିଗମରେ Construction of Road from Plot No.-2226 to Plot No.-2273/5029, 2319/5493 & 2310/2790/4579 at Chakeisiani in Ward No.-5 କାର୍ଯ୍ୟ ପାଇଁ ୩ ଜଣ ଠିକାଦାର ଅଂଶଗ୍ରହଣ କରିଥିଲେ, ୩ ଜଣ ଠିକାଦାର (-) 14.99 % କମ୍‌ରେ ନିବିଦା ପକାଇଥିବାରୁ ସେମାନଙ୍କ ମଧ୍ୟରେ ଲଟେରୀ ଅନୁଷ୍ଠିତ ହୋଇଥିଲା । Rashmi Enterprises, Poop-Bikram Keshari Patra ପ୍ରଥମ ସର୍ବନିମ୍ନ ଦରଦାତା (L-1 bidder) ଲଟେରୀ ମାଧ୍ୟମରେ ମନୋନୀତ ହୋଇଥିବାରୁ କାର୍ଯ୍ୟାଳୟ ପତ୍ରସଂଖ୍ୟା-୩୨୬୩ ତା ୧୫.୦୪.୨୦୨୫ ରିଖ, ୩୭୭୨ ତା ୨୯.୦୪.୨୦୨୫ ରିଖ ଓ ୩୮୮୯ ତା ୦୩.୦୫.୨୦୨୫ ରିଖରେ ଟ ୪,୨୫,୧୧୩/-ଙ୍କା ର APS ଜମା କରିବା ପାଇଁ ଅନୁରୋଧ କରାଯାଇଥିଲେ ମଧ ଶ୍ରୀ ବିକ୍ରମ କେଶରୀ ପାତ୍ର ତାହା ଜମା କଲେନାହିଁ । ଶ୍ରୀ ପାତ୍ରଙ୍କ ଏତାଦୃଶ କାର୍ଯ୍ୟପାଇଁ ତାଙ୍କ ନିବିଦାକୁ ଖାରଜ (Reject) କରାଯିବା ଓ ସେ ପ୍ରଦାନ କରିଥିବା ବଇନା ଧନ (EMD) କୁ ବାଜ୍ୟାପ୍ତି କରାଯିବା ସଙ୍ଗେ ସଙ୍ଗେ ୩ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରୁ ବଂଚିତ (Debar from BMC tender for 3 years) କରାଯିବା ସହିତ ଦ୍ୱିତୀୟ ସର୍ବନିମ୍ନ ଦରଦାତା (L-2 bidder) ଲଟେରୀ ମାଧ୍ୟମରେ ମନୋନୀତ ରାଜଶ୍ରୀ ଦାସ ପ୍ରଥମ ଦରଦାତାଙ୍କ ମୂଲ୍ୟରେ କାର୍ଯ୍ୟ କରିବା ପାଇଁ ନିଜର ସମ୍ମତି ଜଣାଇଛନ୍ତି, ସର୍ବନିମ୍ନ ଦର ଟ ୧୮,୯୬,୫୪୭/- ଙ୍କା ଯାହାକି ଅଟକଳ ମୂଲ୍ୟ ଟ ୨୨,୩୦,୯୭୦/-ଙ୍କା ଠାରୁ (-) 14.99 % କମ୍ ଅଟେ । ଏହା ଉପରେ କମିଟିଙ୍କ ବିଗ୍ଭର:- ନଥି ନଂ- XXIX-PW-Div.-I-1621/2024 ଟିପ୍ପଣୀ ପୃଷ୍ଠା-୧୦ ରୁ ୧୩ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ମଧାହ୍ନ ୧୨.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ସୁଲୋଚନା ଦାସ
ସଭାପତି
ତା ୨୮.୦୭.୨୦୨୫ ରିଖ